# NATIONAL NEWS BULLETIN (ODIA)

## 6 June - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ ଅନୁଷ୍ଠିତ ।

– ଅର୍ଥନୈତିକ ରୂପାନ୍ତରଣ ଏବଂ ଦୀର୍ଘକାଳୀନ ବିକାଶ ଯାତ୍ରାକୁ ପ୍ରାଥମିକତା ପ୍ରଦାନ ।

- ଯୁବବର୍ଗ ଦେଶର ସବୁଠାରୁ ବଡ଼ ଶକ୍ତି ଏବଂ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ, କହିଲେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ।

- ବଜାରରେ ଅଧିକ ସ୍ୱଚ୍ଛତା ଓ ସମାନତା ଆଣିବା ଲକ୍ଷ୍ୟ ନେଇ ପ୍ରଚଳନ କରାଗଲା ଖାଇବା ତେଲ ପାଇଁ ମାନକ ପ୍ୟାକ୍ ଆକାର ।

ଏବଂ

- ୧୮ବର୍ଷରୁ କମ୍ ପୁରୁଷବର୍ଗ ହକି ଏସୀୟ କପ୍ ୨୦୨୬ ଟାଇଟଲ ହାସଲ କଲା ଭାରତ ।

– ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

# ପିଏମ୍ ଇଏସି ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଚିନ୍ତାଧାରା ଓ ପଦକ୍ଷେପ ସମ୍ପର୍କରେ ବୈଠକରେ ପ୍ରଧାନମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କ ସହ ମତବିନିମୟ କରିଛନ୍ତି । ଜୀବନଧାରଣ ମାନରେ ସହଜତା ଏବଂ ବ୍ୟାବସାୟିକ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଆବଶ୍ୟକ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଉପରେ ମଧ୍ୟ ବୈଠକରେ ବିଚାର ବିମର୍ଷ କରାଯାଇଛି । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିରେ ଭାରତ ତଥା ବିଶ୍ୱ ଉପରେ ପଡୁଥିବା ପ୍ରଭାବ ସମ୍ପର୍କିତ ବିଭିନ୍ନ ତଥ୍ୟ ପରିଷଦର ସଦସ୍ୟମାନେ ବୈଠକରେ ଉପସ୍ଥାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥନୈତିକ ରୂପାନ୍ତରଣ ଏବଂ ଦୀର୍ଘକାଳୀନ ବିକାଶ ଯାତ୍ରା ଉପରେ ପ୍ରାଥମିକତା ପ୍ରଦାନ ନେଇ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସଂସ୍କାର ମୂଳକ ଯାତ୍ରାକୁ ଅଧିକ ଗତିଶୀଳ କରିବା ସହିତ ଜୀବନଧାରଣ ମାନରେ ଉନ୍ନତି ଏବଂ ବ୍ୟାବସାୟିକ ସହଜତାକୁ

ସୁନିଶ୍ଚିତ କରିବା ନେଇ ସଦସ୍ୟମାନେ ବୈଠକରେ ମତପୋଷଣ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମାଇ ଭାରତ ୟୁଥ୍ କନ୍‌ଭୋକେସନ୍

ଯୁବବର୍ଗ ଦେଶର ସବୁଠାରୁ ବଡ଼ ଶକ୍ତି ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ନୂଆଦିଲ୍ଲୀରେ 'ଯୁବବର୍ଗଙ୍କ ପାଇଁ ବିକଶିତ ଭାରତ – ମୋ ଭାରତ ଯୁବ ସମ୍ମିଳନୀ'କୁ ସମ୍ବୋଧନ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଆକାଂକ୍ଷା, ଚିନ୍ତାଧାରା ଏବଂ ଭାବନାକୁ ବାଣ୍ଟିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବବର୍ଗଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଆସୁଛନ୍ତି । ଦେଶ ଜନସଂଖ୍ୟାର ୬୫ ପ୍ରତିଶତ ୩୫ ବର୍ଷରୁ କମ୍ ବୟସ୍କ ଯୁବକ ଅଟନ୍ତି । ଭାରତକୁ ବିଶ୍ୱସ୍ତରରେ ଏହା ଏକ ବୃହତ ଯୁବରାଷ୍ଟ୍ର ଭାବେ ମାନ୍ୟତା ପ୍ରଦାନ କରୁଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଯୁବପିଢ଼ିଙ୍କ ଦକ୍ଷତା ଓ ସମ୍ଭାବନାକୁ ପାଥେୟ କରି ରାଷ୍ଟ୍ରନିର୍ମାଣ ତଥା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

**VO-1-MANSUKH-MANDAVIYA**

ଦେଶର ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ନବସୃଜନ, ମେକ୍ଇନ୍ ଇଣ୍ଡିଆ ପଦକ୍ଷେପ ଆତ୍ମନିର୍ଭର ଭାରତ ଅଭିଯାନକୁ ପ୍ରୋତ୍ସାହନ ପ୍ରଦାନ କରୁଛି । ଏହାଦ୍ୱାରା ଯୁବ ଉଦ୍ଭାବକଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି । କ୍ରୀଡ଼ା କ୍ଷେତ୍ରରେ ସଂସ୍କାର ସମ୍ପର୍କରେ ଉଲ୍ଲେଖ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ସ୍ୱଚ୍ଛ ଏବଂ ଯୋଗ୍ୟତା ଆଧାରିତ ଚୟନ ବ୍ୟବସ୍ଥା ପ୍ରତିଭାବାନ ଖେଳାଳିଙ୍କୁ ଆନ୍ତର୍ଜାତିକ ପ୍ରତିଯୋଗିତାଗୁଡ଼ିକରେ ଦେଶକୁ ପ୍ରତିନିଧିତ୍ୱ କରିବାରେ ସୁଯୋଗ ପ୍ରଦାନ କରୁଛି ।

କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ଯୋଗଦେଇ କଠିନ ପରିଶ୍ରମ, ନବସୃଜନ ଓ ସମର୍ପଣ ମାଧ୍ୟମରେ ଯୁବବର୍ଗ ଦେଶକୁ ଶୀର୍ଷ ସ୍ଥାନକୁ ନେଇପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ।

## ସମୃଦ୍ଧି କେନ୍ଦ୍ରମ୍ ଇନାଗୁରେଟେଡ୍

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର୍ ଜିଲ୍ଲାର ନାରକୋଡୁରୁ ଗ୍ରାମରେ ସମୃଦ୍ଧି କେନ୍ଦ୍ରକୁ ଯୋଗାଯୋଗ ଓ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପ୍ରେମାସାନି ଚନ୍ଦ୍ରଶେଖର ଆଜି ଉଦ୍‌ଘାଟନ କରିଛନ୍ତି । ଗ୍ରାମୀଣ ଡିଜିଟାଲ୍ ପରିବର୍ତ୍ତନ କ୍ଷେତ୍ରରେ ଏହା ହେଉଛି ଏକ ପ୍ରମୁଖ ପଦକ୍ଷେପ । ଭାରତ ନେଟ୍ ଉଦ୍ୟମି ପଦକ୍ଷେପ ଅଧୀନରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସମନ୍ୱିତ

ଗ୍ରାମୀଣ ବିକାଶ ମଡେଲ୍ ପ୍ରସ୍ତୁତ କରିବାରେ ନାରକୋଡୁରୁ ଭାରତର ତୃତୀୟ ଏବଂ ତେଲୁଗୁ ଭାଷାଭାଷୀ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ଗ୍ରାମ ହୋଇଛି । ଏହି କେନ୍ଦ୍ର ଅଧୀନରେ ସ୍ୱାସ୍ଥ୍ୟ ପରୀକ୍ଷା, ଟେଲିମେଡିସିନ୍, ମୃତ୍ତିକା ପରୀକ୍ଷା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ହାଇସ୍ପିଡ୍ ଇଣ୍ଟରନେଟ୍ ଓ ମାଗଣା ୱାଇଫାଇ ଭଳି ୧୧ଟି ଅତ୍ୟାବଶ୍ୟକ ସେବା କ୍ଷେତ୍ର ସମନ୍ୱିତ ଭାବେ କାର୍ଯ୍ୟ କରିପାରିବ । ଏକ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ କରାଯାଇଛି । ସ୍ଥାନୀୟ ଗ୍ରାମବାସୀଙ୍କ ପାଖରେ ପ୍ରମୁଖ ସେବା ଓ ସୁଯୋଗଗୁଡ଼ିକ ପହଞ୍ଚାଇବାରେ ଏହି ସମୃଦ୍ଧି କେନ୍ଦ୍ର ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ।

## ପିଏମ୍-ଫିରୋଜପୁର

ପଞ୍ଜାବ ଫିରୋଜପୁର ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା

ରାଶି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ଶ୍ରୀ ମୋଦୀ ଘୋଷଣା କରିଛନ୍ତି ।

ପଞ୍ଜାବର ଫିରୋଜପୁର ଫାଜ୍‌ଲକା ସଡ଼କପଥରେ ଏକ ଯାତ୍ରୀବାହି ଗାଡ଼ି ଏବଂ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ୯ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨୨ ଜଣ ଆହତ ହୋଇଛନ୍ତି । ମୃତ୍ୟୁ ବରଣ କରିଥିବା ୯ ଜଣଯାକ ଗୋଟିଏ ପରିବାର ସଦସ୍ୟ ବୋଲି ଜଣାପଡ଼ିଛି ।

## ଗଭ୍-ଏଡିବଲ ଅଏଲ୍ସ

ଆଇନ୍‌ଗତ ମାପ ବିଜ୍ଞାନ ଢାଞ୍ଚା ଅଧୀନରେ ଖାଇବା ତେଲ ପାଇଁ ମାନକ ପ୍ୟାକ୍ ଆକାର ପ୍ରଚଳନ କରାଯାଇଛି । ବଜାରରେ ଅଧିକ ସ୍ୱଚ୍ଛତା ଏବଂ ସମାନତା ଆଣିବାରେ ଏହା ସହାୟକ ହୋଇପାରିଛି ବୋଲି ସରକାର କହିଛନ୍ତି । ଉପଭୋକ୍ତା ବ୍ୟାପାର ବିଭାଗ ଏହି ମାନକ କାର୍ଯ୍ୟ ପ୍ରଣାଳୀରେ ଆବଶ୍ୟକ ସଂଶୋଧନ ଆଣିଛି । ଏଥିରେ ଖାଇବା ତେଲ ମାନକ ପ୍ୟାକ୍ ଆକାର ଆଦି ସାମିଲ କରାଯାଇଛି ।

ଉପୋଭକ୍ତା ବ୍ୟାପାର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ସଂଶୋଧିତା ଆଇନ୍ ଅନୁଯାୟୀ ପାମ୍ ତେଲ, ପାମୋଲିନ୍, ସୋୟାବିନ୍, ସୂର୍ଯ୍ୟମୁଖୀ, ସୋରିସ, ଚିନାବାଦାମ,

ରାଶି, କପା ବିହନ ତେଲ, ରାଇସ୍‌ବ୍ରାନ୍ ଏବଂ ମକା ତେଲ ଆଦି ପ୍ରମୁଖ ଖାଇବା ତେଲଗୁଡ଼ିକର ମାନକ ପ୍ୟାକ୍ ଆକାର ସ୍ଥିର କରାଯାଇଛି । ଅନୁମୋଦିତ ପ୍ୟାକ୍ ଗୁଡ଼ିକର ଆକାର ୨୦୦ଗ୍ରାମ, ୫୦୦ ଗ୍ରାମ, ୧ରୁ ୫ କିଲୋଗ୍ରାମ୍, ୧୫ କିଲୋଗ୍ରାମ୍ ଏବଂ ୨୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ରଖାଯାଇଛି । ଏଭଳି ପଦକ୍ଷେପ ଉପଭୋକ୍ତାଙ୍କୁ ଅଧିକ ସୂଚନା ପ୍ରଦାନ କରିବା ସହିତ ବଜାର ବ୍ୟବସ୍ଥାକୁ ସଶକ୍ତ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଡବ୍ଲ୍ୟୁବି ବୈଷ୍ଣବ ରେଲୱେ ପ୍ରୋଜେକ୍ଟସ୍

ପଶ୍ଚିମବଙ୍ଗରେ ଦୀର୍ଘଦିନ ଧରି ଅଟକି ରହିଥିବା ରେଳ ପ୍ରକଳ୍ପଗୁଡ଼ିକର ସମାଧାନ ଦ୍ୱାରା ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶର ଏକ ନୂତନ ଯୁଗ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । କୋଲକାତାର ନବାନ୍ନାରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ରେଳ ବଜେଟ୍‌ରେ ପଶ୍ଚିମବଙ୍ଗକୁ ୧୪ ହଜାର ୨୦୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟରେ ୧୦ଟି ଅମୃତ ଭାରତ ଷ୍ଟେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ୯ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଏବଂ କେତେକ ଅମୃତ ଭାରତ ଟ୍ରେନ୍ ଚଳାଚଳ କରୁଛି । ଆଗାମୀ ୫ ବର୍ଷ

ମଧ୍ୟରେ କୋଲକାତା ମେଟ୍ରୋ ପାଇଁ ୬୦ଟି ଆଧୁନିକ ଟ୍ରେନ୍ ପ୍ରଚଳନ କରିବାର ଯୋଜନା ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ହକି-ଅଣ୍ଡର ୧୮ ଏସିଆକପ୍ ଫାଇନାଲ୍

ଭାରତ' ୧୮ ବର୍ଷରୁ କମ୍ ପୁରୁଷବର୍ଗ ହକି ଏସୀୟ କପ୍ ୨୦୨୬ ଟାଇଟଲ ହାସଲ କରିଛି । ଜାପାନ୍‌ର କାକାମିଗାହାରା ଠାରେ ଆଜି ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ୪-୧ ଗୋଲ୍‌ରେ ଜାପାନ୍‌କୁ ପରାସ୍ତ କରିଛି । ଦଳ ପକ୍ଷରୁ ଆଶିଶ ପୁର୍ତ୍ତି ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ଅଧିନାୟକ କେତନ କୁଶୱାହା ଗୋଟିଏ ଗୋଲ୍ ସ୍କୋର କରିଛନ୍ତି । ତୃତୀୟଥର ପାଇଁ ଭାରତ ଏହି ଟାଇଟଲ ହାସଲ କରିଛି ।

ଅନ୍ୟ ପକ୍ଷରେ ଏହି ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ଦକ୍ଷିଣ କୋରିଆକୁ ୩-୦ ଗୋଲ୍‌ରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତା ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦଳଗତ ଦକ୍ଷତା ଏହା ପ୍ରତିପାଦନ କରୁଛି । ଏହି ବିଜୟ ଯୁବବର୍ଗଙ୍କ ମଧ୍ୟରେ ହକି କ୍ରୀଡ଼ା ପ୍ରତି ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ

ପ୍ରମାଣ କରୁଛି । ଶ୍ରୀ ମୋଦୀ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ମହିଳା ଦଳକୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ।

## କ୍ରିକେଟ୍

ନ୍ୟୁ ଚଣ୍ଡିଗଡ଼ର ମୁଲାନ୍‌ପୁର୍ ଟେଷ୍ଟରେ ଆଜି ପ୍ରଥମଦିନ ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୩ ଓ୍ୱିକେଟ୍ ବିନିମୟରେ ୩୬୮ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ କେ.ଏଲ୍. ରାହୁଲ ଏବଂ ଅଧିନାୟକ ଶୁଭମନ ଗିଲ୍ ଶତକୀୟ ପାଳି ଖେଳିଥିବା ବେଳେ ସାଇ ସୁଦର୍ଶନ ୮୧ରନ୍ ସଂଗ୍ରହ କରିଥିଲେ । ରିଷଭ ପନ୍ଥ ଅର୍ଦ୍ଧଶତ ଶତକ ସହ କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଆଫ୍‌ଗାନିସ୍ତାନ ପକ୍ଷରୁ ମହମ୍ମଦ ସଲିମ୍ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ଜିଆଉର୍ ରହେମାନ ଗୋଟିଏ ଓ୍ୱିକେଟ୍ ପାଇଛନ୍ତି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ-ଆଫ୍‌ଗାନିସ୍ତାନ ମଧ୍ୟରେ ଖେଳାଯାଉଥିବା ଏହି ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭାରତର ଅଲ୍‌ରାଉଣ୍ଡର ମାନବ ସୁଥାର୍ ତାଙ୍କର ଟେଷ୍ଟ ଜୀବନ ଆରମ୍ଭ କରିଛନ୍ତି ।

# ଫୁଟବଲ୍

ସାଫ୍ ମହିଳା ଫୁଟବଲ୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଭାରତ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଗୋଆର ମାର୍ଗାଓଠାରେ ଏହି ଫାଇନାଲ୍ ମ୍ୟାଚ୍ ଖେଳାଯାଉଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଖେଳ ଗୋଲ ଶୂନ୍ୟ ରହିଥିଲା ।

# ବିସିସିଆଇ-ସ୍କ୍ୱାଡ୍ ଆନାଉନ୍ସମେଣ୍ଟ

ଆଗାମୀ ଇଂଲଣ୍ଡ ଏବଂ ଆୟାର୍‌ଲାଣ୍ଡ ଗସ୍ତ ପାଇଁ ୧୬ ଜଣିଆ ଟି-ଟ୍ୱେଣ୍ଟି ଦଳ ଆଜି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ – ବିସିସିଆଇ ଘୋଷଣା କରିଛି । ସୂର୍ଯ୍ୟ କୁମାର ଯାଦବଙ୍କ ସ୍ଥାନରେ ଶ୍ରେୟସ୍ ଆୟାର୍‌ଙ୍କୁ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି । ତିଲକ ବର୍ମା ଉପ-ଅଧିନାୟକ ହୋଇଛନ୍ତି । ପ୍ରଥମଥର ପାଇଁ ଦଳରେ ବୈଭବ ସୂର୍ଯ୍ୟବଂଶିଙ୍କୁ ସାମିଲ କରାଯାଇଛି । ଚଳିତ ଆଇପିଏଲ୍ ସିରିଜ୍‌ରେ ସୂର୍ଯ୍ୟବଂଶିଙ୍କ ଚମତ୍କାର ପ୍ରଦର୍ଶନ ଆଧାରରେ ତାଙ୍କୁ ଦଳରେ ସାମିଲ କରାଯାଇଥିବା ବୋର୍ଡ଼ ପକ୍ଷରୁ କୁହାଯାଇଛି । ଦଳରେ ଦ୍ରୁତ ବୋଲର ପ୍ରିନ୍ସ ଯାଦବଙ୍କୁ ମଧ୍ୟ ସାମିଲ କରାଯାଇଛି । ମୁମ୍ବାଇର ବିସିସିଆଇ ମୁଖ୍ୟାଳୟ ଠାରେ ଏ ସମ୍ପର୍କିତ ଘୋଷଣା କରାଯାଇଛି ।